Daily Edition:
RNI No.ODIODI/2010/33791

ଶନିବାର, ୧୧ ମଇ ୨୦୧୯
ଭାଗ ୯, ସଂଖ୍ୟା ୨୬୨

Saturday, 11 May 2019
Volume IX, Issue No 262

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ମେଷ ୨୭; ବୈଶାଖ ଶୁକ୍ଳପକ୍ଷ ୬ଷ୍ଠୀ
୧୪୨୬ ସାଲ, ସମ୍ବତ ୨୦୭୬

www.srutinews.com

ସତ୍ୟ ପଥ ଧାମହି

ଶ୍ରୁତି
SRUTI

ଜର୍ଜିଆର ଏକ ବଡ କାର୍ଗୋ ବିମାନ ଆଣ୍ଟୋନୋଭ ଏଏନ-୧୨ ଶୁକ୍ରବାର ଅପରାହ୍ନ ୩.୧୫ରେ ପାକିସ୍ତାନର କରାଚିକୁ ଯିବା ସମୟରେ ଆକାଶମାର୍ଗରେ ସୀମା ଉଲ୍ଲଂଘନ କରି ଉତ୍ତର ଗୁଜରାଟରେ ଭାରତୀୟ ସୀମା ମଧ୍ୟକୁ ପଶି ଆସିଥିଲା । ଭାରତୀୟ ବାୟୁସେନାର ୨ଟି ସୁଖୋଇ ଯୁଦ୍ଧବିମାନ ଏହାକୁ ଇଣ୍ଟରସେପ୍ଟ କରିବା ସହ ରାଜସ୍ଥାନର ଜୟପୁରରେ ଅବତରଣ କରିବାକୁ ବାଧ୍ୟ କରିଥିଲେ ।

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

ଦେଢକୋଟି ଲୋକ ପ୍ରଭାବିତ

ଭାଙ୍ଗିଛି ୫ ଲକ୍ଷ ୮ ହଜାର ଘର

ଭୁବନେଶ୍ୱର, ୧୦/୫(ଶ୍ରୁମି): ଗତ ୩ ତାରିଖରେ ଓଡିଶାରେ ହୋଇଥିବା ବାତ୍ୟା 'ଫନି'ରେ ୧୪ଟି ଜିଲ୍ଲାର ୧କୋଟି ୫୦ଲକ୍ଷ ୯୪ହଜାର ୩ଶହ ୨୧ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ଜିଲ୍ଲା ଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, କଟକ, ଅନୁଗୁଳ, ବାଲେଶ୍ୱର, ଭଦ୍ରକ,ଢେଙ୍କାନାଳ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେଉଁଝର, ମୟୂରଭଞ୍ଜ ଓ ନୟାଗଡ଼ । ଏହି ଅଂଚଳ ଗୁଡିକରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ରାଜ୍ୟ ସରକାର ରିପୋର୍ଟ ଦେଇଛନ୍ତି। ଏନେଇ ଏସଆରସି ବିଷ୍ଣୁପଦ ସେଠୀ ସୂଚନା ଦେଇଛନ୍ତି । ସରକାରୀ ତଥ୍ୟ ଅନୁସାରେ ବାତ୍ୟା ଫନିରେ ମୋଟ ୫ଲକ୍ଷ ୮ହଜାର ୪ଶହ ୬୭ଘର ଭାଙ୍ଗିଯାଇଛି। ସବୁଠାରୁ ଅଧିକ ପ୍ରଭାବିତ ପୁରୀ ଜିଲ୍ଲାରେ ମୋଟ ୧ଲକ୍ଷ ୮୯ହଜାର ୯୫ଟି କଚ୍ଚା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ମୋଟ ୪୧ଜଣଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲାରେ ସର୍ବାଧିକ ୨୧ ଜଣଙ୍କର ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ସହରାଞ୍ଚଳରେ ଅଧିକରୁ ଅଧିକ ଗଛ ଉପୁଡ଼ି ପଡ଼ିଛି। ଏହା ସହ ଏଠାରେ ୩ଜଣ ଆହତ ହୋଇଛନ୍ତି ଓ ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ବାତ୍ୟା ଫନିରେ ସବୁଠାରୁ ଅଧିକ ୭୪ଜଣ ଲୋକ ଯାଜପୁର ଜିଲ୍ଲାରେ ଆହତ ହୋଇଥିବା ଏସଆରସି କହିଛନ୍ତି। ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ଟେଲିକମ୍ ସେବା ଅଧିକ ବାଧାପ୍ରାପ୍ତ ହୋଇଥିବା ସେ ସୂଚନା ଦେଇଛନ୍ତି ।

ରାଜ୍ୟର ୫୨୪୪ଟି ପ୍ରାଥମିକ ବିଦ୍ୟାଳୟ ଓ ୧୫୪୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୃହ ନଷ୍ଟ ହୋଇଯାଇଥିବା ଏସଆରସି ରିପୋର୍ଟ ଦେଇଛନ୍ତି। ଅନ୍ୟପଟେ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଯାହାଦ୍ୱାରା ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ନୟାଗଡ଼ ଭଳି ଜିଲ୍ଲାର ୩ ହଜାର ୨୯୦ଟି ଉଠା ଜଳସେଚନ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ୯ହଜାର ୬୯୩ କି.ମି ଆର.ଡ଼ି ରୋଡ୍ ବିପର୍ଯ୍ୟସ୍ତ ହେବାସହ ୪ ହଜାର ୬୧୦ଟି ପକ୍କା ଘର କ୍ଷତିଗ୍ରସ୍ତ ହୋଇଛି ବୋଲି ଏସଆରସି କହିଛନ୍ତି।

ଅଧିକ ପ୍ରଭାବିତ ହୋଇଥିବା ୫ଟି ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ପ୍ୟାକେଜ ମୁତାବକ ସହାୟତା ପ୍ରଦାନ କରାଯାଉଛି। ଯେଉଁଥିରେ ଖାଦ୍ୟ ସୁରକ୍ଷା ଯୋଜନା ଦ୍ୱାରା ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଜିଲ୍ଲାରେ ପ୍ରଭାବିତଙ୍କୁ ମାଗଣା ଚାଉଳ, ପଲିଥିନ୍ ଓ ଟଙ୍କା ଦିଆଯାଉଛି। ଅଧିକ ପ୍ରଭାବିତ ହୋଇଥିବା ପୁରୀ ବାସିନ୍ଦାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ୫୦ କିଲୋ ଚାଉଳ ସହ ପଲିଥିନ୍ ଏବଂ ୨ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ଖୋର୍ଦ୍ଧାରେ ବାତ୍ୟା ପ୍ରଭାବିତଙ୍କୁ ୧ ହଜାର ଟଙ୍କା ସହ ମାସକ ପାଇଁ ଚାଉଳ ଓ ପଲିଥିନ୍ ଯୋଗାଇ ଦିଆଯାଉଛି। ସେହିପରି କଟକ, ଜଗତସିଂହପୁର, ଓ କେନ୍ଦ୍ରାପଡ଼ାରେ ବାତ୍ୟା 'ଫନି' ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କୁ ୫ ଶହ ଟଙ୍କା ଏବଂ ଅତିରିକ୍ତ ମାସକ ପାଇଁ ଚାଉଳ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ସେ କହିଛନ୍ତି।

ସେହିପରି ବାତ୍ୟା 'ଫନି'ରେ ପ୍ରଭାବିତ ସମସ୍ତ ଜିଲ୍ଲାବାସୀଙ୍କୁ ଏକମାସର ଅତିରିକ୍ତ ପେନସନ୍ ସହ ରିଲିଫ୍ କୋଡ୍ ଅନୁଯାୟୀ, ଘର ନିର୍ମାଣ ପାଇଁ ଟଙ୍କା ଯୋଗାଇଦେବେ। ତେବେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଘର ପାଇଁ ୯୫ ହଜାର ୧୦୦ଟଙ୍କା , ଆଂଶିକ କ୍ଷତିଗ୍ରସ୍ତଙ୍କ ପାଇଁ ୫ ହଜାର ୨୦୦ ଟଙ୍କା, କିଛି ମାତ୍ରାରେ କ୍ଷତି ହୋଇଥିବା ଘର ପାଇଁ ୩ ହଜାର ୨୦୦ଟଙ୍କା ଯୋଗାଇ ଦିଆଯିବ ।

ଫନିରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମୀୟଙ୍କୁ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିବା ସେ ସୂଚନା ଦେଇଛନ୍ତି।

ଛୁଟି ଦିନରେ ଖୋଲା ରହିବ ବ୍ୟାଙ୍କ୍

ଭୁବନେଶ୍ୱର, ୧୦/୫(ଶ୍ରୁମି): ବାତ୍ୟା ପ୍ରଭାବିତ ଜିଲ୍ଲାମାନଙ୍କରେ ଛୁଟି ଦିନରେ ମଧ୍ୟ ଖୋଲା ରହିବ ବ୍ୟାଙ୍କ୍ । ଶୁକ୍ରବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଅର୍ଥ ସଚିବ ଓ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ପ୍ରଭାବିତ ଜିଲ୍ଲା ଗୁଡିକରେ ବ୍ୟାଙ୍କ୍ କାର୍ଯ୍ୟ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଛୁଟି ଦିନରେ ବ୍ୟାଙ୍କ୍ ଗୁଡ଼ିକୁ ଖୋଲା ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସୋମବାର ସୁଦ୍ଧା ବାତ୍ୟା ପ୍ରଭାବିତ ଜିଲ୍ଲାରେ ବ୍ୟାଙ୍କ ସେବା ସ୍ୱାଭାବିକ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଅପରପକ୍ଷରେ କେରଳ ମଡେଲ ଅନୁକରଣ କରିବାକୁ ବ୍ୟାଙ୍କ ଗୁଡ଼ିକୁ ପରାମର୍ଶ ଦିଆଯାଇଛି। କମ୍ ଡକ୍ୟୁମେଣ୍ଟ ନେଇ ଋଣ ପ୍ରଦାନ କରିବାକୁ କୁହାଯାଇଛି। ପୁରୀରେ ୧୫ ଓ ଭୁବନେଶ୍ୱରରେ ୧୦ଟି ମୋବାଇଲ ଏଟିଏମ୍ ଆଣିବାକୁ ନିଷ୍ପତ୍ତି ହୋଇଛି।

ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଗ୍ରାମ ପଞ୍ଚାୟତ ହେବେ ପୁରସ୍କୃତ

ଭୁବନେଶ୍ୱର, ୧୦/୫(ଶ୍ରୁମି): ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲ୍ଲାରେ ରିଲିଫ୍ , ପରିମଳ ଓ ପୁନରୁଦ୍ଧାର କାର୍ଯ୍ୟରେ ଭଲ କରିଥିବା ଶ୍ରେଷ୍ଠ ଗ୍ରାମ ପଂଚାୟତ ମାନଙ୍କୁ ପୁରସ୍କୃତ କରାଯିବ। ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି। ପ୍ରଥମ ସ୍ଥାନ ପାଇଲେ ସମ୍ପୃକ୍ତ ଗ୍ରାମ ପଂଚାୟତକୁ ୫ ଲକ୍ଷ ଟଙ୍କା , ଦ୍ୱିତୀୟ ସ୍ଥାନରେ ୩ ଲକ୍ଷ ଟଙ୍କା ଓ ତୃତୀୟ ସ୍ଥାନରେ ରହିଲେ ୨ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯିବ। ପଂଚାୟତ ମାନଙ୍କୁ ନିଜସ୍ୱ ପାଣ୍ଠିରୁ ୧ ଲକ୍ଷ ଟଙ୍କା ପରିମଳ ପାଇଁ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ପରିମଳ କ୍ଷେତ୍ରରେ ଗ୍ରାମାଂଚଳ ଗୁଡିକ ଅଧିକ ପ୍ରୋତ୍ସାହିତ ହୋଇପାରିବେ।

ଶନିବାର ଓ ରବିବାର ୫ଟି ଜିଲ୍ଲାର ସରକାରୀ କାର୍ଯ୍ୟାଳୟ ଖୋଲା ରହିବ

ଭୁବନେଶ୍ୱର, ୧୦/୫(ଶ୍ରୁମି): ସାମୁଦ୍ରିକ ବାତ୍ୟା ଫନି ଯୋଗୁ ରାଜ୍ୟର ଉପକୂଳବର୍ତ୍ତୀ ୫ଟି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ବାତ୍ୟା ବିପନ୍ନଙ୍କୁ ସହାୟତା ପାଇଁ ରାଜ୍ୟ ସରକାର ଶନିବାର ଓ ରବିବାର କଟକ , ପୁରୀ , ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସାମାଜିକ ଗଣମାଧ୍ୟମରେ ଫନି ଆହ୍ୱାନ ମୁକାବିଲା ବାର୍ତ୍ତା ଦେଲେ କେନ୍ଦ୍ରମନ୍ତ୍ରୀ

ଦୈନ୍ୟ ନୁହେଁ ଦାୟିତ୍ୱ ନେଇ କାର୍ଯ୍ୟ କରିବାକୁ ହେବ

ଭୁବନେଶ୍ୱର, ୧୦/୫(ଶ୍ରୁମି): ଫନି ତାଣ୍ଡବର ଆହ୍ୱାନକୁ ସମ୍ଭାବନାରେ ପରିଣତ କରିବାର ଦାୟିତ୍ୱ ନେବାକୁ ହେବ । ପ୍ରାକୃତିକ ଦୁର୍ବିପାକ ସମୟରେ ଦୈନ୍ୟ ନୁହେଁ ଦାୟିତ୍ୱ ନେଇ କାମ କରିବାକୁ ପଡିବ । ଫୋନିର ମହାପ୍ରଳୟରେ ମହାପ୍ରଭୁଙ୍କ ଆଖପାଖ ଅଞ୍ଚଳ ପ୍ରଭାବିତ। କଟକ-ପୁରୀ-ଭୁବନେଶ୍ୱର ତଥା ଅନ୍ୟାନ୍ୟ ଜିଲ୍ଲା କେନ୍ଦ୍ରକୁ ଆଧାର କରି ଏକବିଂଶ ଶତାବ୍ଦୀ ମାନର ଭିତ୍ତିଭୂମି ତଥା ଅର୍ଥନୈତିକ ସମ୍ଭାବନାର ଦୀର୍ଘମିଆଦୀ କଳ୍ପନା କରିବା ଫୋନିର ଆହ୍ୱାନ ବୋଲି ସାମାଜିକ ଗଣମାଧମରେ ଏକ ଭିଡିଓ ପୋଷ୍ଟ ମାଧମରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ସାରା ବିଶ୍ୱରେ ବହୁ ସମ୍ଭ୍ରାନ୍ତ ଓଡିଆ ଆଜି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛନ୍ତି। ଗୁଜରାଟ ଭୁଜର ଭୂମିକମ୍ପ ପରେ ଗୁଜୁରାଟର ସେତେବେଳେର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଆହ୍ୱାନକୁ ସମ୍ଭାବନାର ରୂପ ଦେଇ ଗୁଜରାଟରେ ସମ୍ପୂର୍ଣ୍ଣ ପଶ୍ଚିମ ଭାରତରେ ଏକ ନୂଆ ମଡେଲ ତିଆରି କଲେ। ଆମେ ଓଡିଆ ମାନେ ଏବେ ଫନିର ସଦ୍ୟତମ ଅନୁଭବ, ୧୯୯୯ର ମହାବାତ୍ୟା, ହୁଡହୁଡ, ଫାଇଲିନ୍ ଓ ତିତିଲିର ଅନୁଭବ ଆଧାରରେ ନୂଆ ଆଇଡିଆ, ଆପ୍ରୋଚ ଓ ଏନର୍ଜୀ ନେଇ କାମ କରିବା ହିଁ ସମୟର ଆହ୍ୱାନ। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ଓଡିଶାର ପୁନଃ ନିର୍ମାଣ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ବିଗତ ୭-୮ ଦିନ ଧରି ଦିଲ୍ଲୀର କ୍ୟାବିନେଟ ସେକ୍ରେଟାରୀଙ୍କ ଦପ୍ତର ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ବିଶେଷ କରି କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲ୍ଲାର ବିଭିନ୍ନ ଅଂଚଳ ଯାଇଛି। ପ୍ରଧାନମନ୍ତ୍ରୀ ଆସି ନିଜେ ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ଅଧିକାରୀ ମାନେ ତାଙ୍କ ପାରୁ ପର୍ଯ୍ୟନ୍ତ ସେବା ଦେଉଛନ୍ତି । ଭାରତ ସରକାରଙ୍କ ସମସ୍ତ ଏଜେନ୍ସି ଗୁଡିକ ମଧ୍ୟ ନିଜ ଠାରୁ ଯାହା ଆବଶ୍ୟକ ତା ଠାରୁ ଅଧିକ ସେବା ଦେଇ ଆସୁଛନ୍ତି। ରାଜ୍ୟ ସରକାରଙ୍କ ଯାହା ଆବଶ୍ୟକତା ଅଛି ତା ଠାରୁ ଦୁଇପାଦ ଆଗକୁ ଯାଇ କାମ କରୁଛନ୍ତି । ସମସ୍ତଙ୍କ ମଧ୍ୟରେ ଗୋଟିଏ ଦାୟିତ୍ୱ ମନୋଭାବ ଅଛି ଓଡିଶାକୁ ପୁଣି ସହଜ ଓ ସ୍ୱାଭାବିକ୍ କରିବା। ଛୋଟଛୋଟ କଳ୍ପନା ବଡବଡ ପରିବର୍ତ୍ତନ କରିପାରେ ବୋଲି କହିଛନ୍ତି ଶ୍ରୀ ପ୍ରଧାନ।

ଧର୍ମେନ୍ଦ୍ରଙ୍କୁ କିରୋସିନ ମାଗିଲେ ନବୀନ

ଭୁବନେଶ୍ୱର, ୧୦/୫(ଶ୍ରୁମି): ସାମୁଦ୍ରିକ ବାତ୍ୟା ଫନି ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲ୍ଲାରେ ବିଜୁଳି ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହେବା ପାଇଁ ଅଧିକ ସମୟ ଲାଗିବ। ତେଣୁ ପ୍ରଭାବିତ ପୁରୀବାସୀଙ୍କୁ କୋଟା ବ୍ୟତୀତ ଅଧିକ ମାଗଣାରେ ଏକ ହଜାର କିଲୋ ଲିଟର କିରୋସିନ୍ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ହୋଲସେଲରମାନଙ୍କୁ ବିତରକ କମ୍ପାନୀ ମାନେ ମାଗଣାରେ ଏହି ତେଲ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେବା ଲାଗି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ଏହାଦ୍ୱାରା ହିତାଧିକାରୀମାନଙ୍କୁ ବିନା ମୂଲ୍ୟରେ କିରୋସିନ୍ ଦିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ପୁରୀରେ ଯୁଦ୍ଧକାଳୀନ ଭିତିରେ ପୁନରୁଦ୍ଧାର ଚାଲିଛି। ବିଦ୍ୟୁତ୍ ଭିତିଭୂମିରେ ସ୍ୱାଭାବିକ ଅବସ୍ଥା ଆଣିବା ପାଇଁ ଅଧିକ ସମୟ ଲାଗିବ। ବିଦ୍ୟୁତ୍ ନଥିବାରୁ ମଇ ମାସର ସାଧାରଣ କୋଟା ସହ ଅତିରିକ୍ତ କିରୋସିନ୍ ଦିଆଗଲେ କ୍ଷତିଗ୍ରସ୍ତମାନେ ଉପକୃତ ହୋଇପାରିବେ।

ଦୁଷ୍କର୍ମରେ ଦିଲ୍ଲୀକୁ ଟପିଲା ଓଡିଶା

ନୂଆଦିଲ୍ଲୀ, ୧୦/୫(ଏଜେନ୍ସି): ଓଡ଼ିଶାରେ ମହିଳାମାନେ କେତେ ସୁରକ୍ଷିତ ତାହା ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟରୁ ଜଣାପଡିଛି। ଦୁଷ୍କର୍ମରେ ଓଡ଼ିଶା ଦିଲ୍ଲୀକୁ ଟପିଯାଇଛି। ଏନ୍‌ସିଆରବିର ତଥ୍ୟ ମୁତାବକ ୨୦୧୮ରେ ଦିଲ୍ଲୀରେ ପ୍ରତି ୧ଲକ୍ଷ ମହିଳାଙ୍କ ମଧ୍ୟରୁ ୧୧ଜଣ ଦୁଷ୍କର୍ମର ଶିକାର ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୧ଲକ୍ଷରେ ୨୩ରେ ପହଞ୍ଚିଛି। ଅର୍ଥାତ୍ ଓଡ଼ିଶାରେ ୧ଲକ୍ଷ ମହିଳାଙ୍କ ମଧ୍ୟରୁ ୨୩ ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ଓଡ଼ିଶାରେ ୨୦୧୨ରୁ ୨୦୧୮ ମଧ୍ୟରେ ଶିଶୁ ଯୌନ ଅପରାଧ ମାମଲା ୪ଶହ ପ୍ରତିଶତ ବା ୪ ଗୁଣ ବଢ଼ିଛି। ଏନ୍‌ସିଆରବିର ତଥ୍ୟରୁ ଜଣାପଡିଛି ଯେ, ଓଡ଼ିଶାରେ ଦିଷ୍କର୍ମକୁ ନେଇ ପୁଲିସରେ ଯେଉଁ ଅଭିଯୋଗ ହେଉଛି ସେଥି ମଧ୍ୟରୁ ମାତ୍ର ୩୭ ପ୍ରତିଶତ କ୍ଷେତ୍ରରେ ପୁଲିସ ପ୍ରାଥମିକ ତଦନ୍ତ କରି ଚାର୍ଜସିଟ ଦାଖଲ କରୁଛି। ୨୦୧୮ରେ ଦୁଷ୍କର୍ମ ସମ୍ପର୍କିତ ଅଭିଯୋଗଗୁଡିକ ମଧ୍ୟରୁ ୬୩ ପ୍ରତିଶତ ମାମଲାରେ ପୁଲିସ ପ୍ରାଥମିକ ତଦନ୍ତ କରିବାକୁ ମଧ୍ୟ ଉଚିତ୍ ମଣିନଥିଲା। ଦୁଷ୍କର୍ମ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଓଡ଼ିଶା ପୁଲିସର ଏଭଳି ଖାମଖିଆଲି ମନୋଭାବ ଓଡ଼ିଶାରେ ଆଇନ ଶୃଙ୍ଖଳା ବ୍ୟବସ୍ଥାର ବାସ୍ତବତାର ପ୍ରମାଣ ଦେଇଛି। ତଥ୍ୟ ମୁତାବକ ୨୦୧୮ରେ ଦିଲ୍ଲୀରେ ୨୦୪୩ ବଳାତ୍କାର ମାମଲା ରୁଜୁ ହୋଇଥିଲା। ହେଲେ ଓଡ଼ିଶାରେ ଏହି ସମୟରେ ୨୫୦୨ ଟି ମାମଲା ରୁଜୁ ହୋଇଥିଲା। ବଳାତ୍କାର ମାମଲାକୁ ବିଚାରକୁ ନେଲେ ପୂର୍ବବର୍ଷ ତୁଳନାରେ ଓଡ଼ିଶାରେ ଏହା ୧୩ ପ୍ରତିଶତ ବୃଦ୍ଧି ପାଇଛି। ଓଡ଼ିଶାରେ ଅପରିଚିତ ବ୍ୟକ୍ତିମାନେ ଦୁଷ୍କର୍ମ କରିବାକୁ ଅଧିକ ସାହସ କରୁଛନ୍ତି। ତଥ୍ୟ ମୁତାବକ ଦିଲ୍ଲୀରେ ସଂଘଟିତ ବଳାତ୍କାର ଗୁଡିକ ମଧ୍ୟରୁ ୫.୫୭ ପ୍ରତିଶତ ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ହୋଇଛି। କିନ୍ତି ଓଡ଼ିଶାରେ ଏହି ମାତ୍ରା ୭୨ ପ୍ରତିଶତ। ୨୦୧୬ରେ ଓଡ଼ିଶାରେ ୧ଲକ୍ଷ ମହିଳାଙ୍କ ମଧ୍ୟରୁ ୯ ଜଣ ଦୁଷ୍କର୍ମର ଶିକାର ହେଉଥିବାବେଳେ ୨୦୧୮ରେ ଏହି ସଂଖ୍ୟା ୨୩ରେ ପହଞ୍ଚିଛି। ସବୁଠାରୁ ବଡ଼ କଥା ହେଉଛି ଯେ, ଓଡ଼ିଶାରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ନିଷ୍କ୍ରିୟତା ଯୋଗୁଁ ଏଭଳି ଅପରାଧ ବଢ଼ିବାରେ ଲାଗିଛି। ଗତକାଲି ଅନୁରୂପ କାରଣରୁ ୨୦୧୭ରେ ଗଣଦୁଷ୍କର୍ମର ଶିକାର ହୋଇଥିବା ଜଣେ ଯୁବତୀ ମାଲକାନଗିରି ଜିଲ୍ଲାରେ ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି। କୁନ୍ଦୁଲି ଘଟଣା ମଧ୍ୟ ଅନୁରୂପ ବିଡମ୍ବନାର ଆଉ ଏକ ପ୍ରମାଣ। ୨୦୧୨ରୁ ଓଡ଼ିଶାରେ ଗଣ ବଳାତ୍କାର ମାମଲା ସାଂଘାତିକ ଭାବେ ବୃଦ୍ଧି ପାଇଛି। ୨୦୧୨ରେ ଓଡ଼ିଶାରେ ୬୬ଟି ଗଣବଳାତ୍କାର ହୋଇଥିବାବେଳେ ୨୦୧୮ରେ ଏହା ୯୬ରେ ପହଞ୍ଚିଛି। ୨୦୧୫ରେ ହି ସଂଖ୍ୟା ୧୦୯ରେ ପହଞ୍ଚିଥିଲା। ୨୦୧୨ରୁ ୨୦୧୮ ମଧ୍ୟରେ ଓଡ଼ିଶାରେ ଗଣବଳାତ୍କାର ମାମଲା ଉଦବେଗଜନକ ଭାବେ ବୃଦ୍ଧି ପାଇବା ଚିନ୍ତା ଓ ପରିତାପର ବିଷୟ। ଏନ୍‌ସିଆରବି ତଥ୍ୟ ମୁତାବକ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ସବୁଠାରୁ ଅଧିକ ଗଣବଳାତ୍କାର ଅଭିଯୋଗ ଆସିଛି। ମୟୂରଭଞ୍ଜ ବ୍ୟତିତ କୋରାପୁଟ, ଖୋର୍ଦ୍ଧା, ଭଦ୍ରକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ, ବୌଦ୍ଧ ଓ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ଗଣବଳାତ୍କାର ମାମଲା ରୁଜୁ ହୋଇଛି। ଓଡ଼ିଶାରେ ମୋଟ ଗଣ ବଳାତ୍କାରର ୯୦ ପ୍ରତିଶତ ଏହି ଜିଲ୍ଲା ଗୁଡିକରେ ସଂଘଟିତ ହୋଇଥିବା ଜଣାପଡିଛି।

ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ତଥ୍ୟ

ଓଡିଶାରେ ଦିଷ୍କର୍ମକୁ ନେଇ ପୁଲିସରେ ଯେଉଁ ଅଭିଯୋଗ ହେଉଛି ସେଥି ମଧ୍ୟରୁ ମାତ୍ର ୩୭ ପ୍ରତିଶତ କ୍ଷେତ୍ରରେ ପୁଲିସ ପ୍ରାଥମିକ ତଦନ୍ତ କରି ଚାର୍ଜସିଟ ଦାଖଲ କରୁଛି।

୨୦୧୨ରେ ଓଡ଼ିଶାରେ ୬୬ଟି ଗଣବଳାତ୍କାର ହୋଇଥିବାବେଳେ ୨୦୧୮ରେ ଏହା ୯୬ରେ ପହଞ୍ଚିଛି।

ଦୁଇ ଦିନ ଭିତରେ ଖୋଲିବ କୋଣାର୍କର ସୂର୍ଯ୍ୟମନ୍ଦିର

ରଥଯାତ୍ରା ପୂର୍ବରୁ ସରିବ ଶ୍ରୀମନ୍ଦିର ମରାମତି

ଭୁବନେଶ୍ୱର, ୧୦/୫(ଶ୍ରୁମି): ସାମୁଦ୍ରିକ ବାତ୍ୟା 'ଫନି' ଯୋଗୁଁ ପୁରୀର ଶ୍ରୀମନ୍ଦିରର ଗର୍ଭଗୃହ ମଧ୍ୟରେ ପାଣି ଜମା ହୋଇଯାଇଥିଲା । ଗର୍ଭଗୃହରେ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା । ବାତ୍ୟାର ତାଣ୍ଡବ ମଧ୍ୟରେ ଏହି ସୂଚନା ସମସ୍ତ ରାଜ୍ୟବାସୀଙ୍କୁ ବ୍ୟଥିତ ଓ ବ୍ୟସ୍ତ କରିପକାଇଥିଲା । ଶ୍ରୀମନ୍ଦିରର ଗର୍ଭଗୃହ ଅସୁରକ୍ଷିତ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା । ଏହି ଆଶଙ୍କା ବ୍ୟକ୍ତ କରାଯିବା ପରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶିକା ଉଷା ଶର୍ମା ଆଜି ନିଜେ ଶ୍ରୀମନ୍ଦିର ପରିଦର୍ଶନ କରି ବାସ୍ତବ ସ୍ଥିତି ପରଖିଛନ୍ତି । ବାତ୍ୟା ଦ୍ୱାରା ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିରର କୌଣସି ଢାଞ୍ଚାଗତ କ୍ଷତି ହୋଇନାହିଁ ବୋଲି ଓଡିଶା ଗସ୍ତରେ ଆସିଥିବା ଶ୍ରୀମତୀ ଉଷା ଶର୍ମା ପ୍ରକାଶ କରିଛନ୍ତି। ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିରର ମରାମତି କାର୍ଯ୍ୟ ଶେଷ ହେବ। ସେହିପରି କୋଣାର୍କ ମନ୍ଦିର ଆଗାମୀ ୨/୩ ଦିନ ମଧ୍ୟରେ ପର୍ଯ୍ୟଟକ ମାନଙ୍କ ପାଇଁ ଖୋଲିବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୦ ଲକ୍ଷ ୯୦ ହଜାର ଟଙ୍କା ଦାନ

ଭୁବନେଶ୍ୱର, ୧୦/୫(ଶ୍ରୁମି): ଫନି ବାତ୍ୟା ଦୁର୍ଗତଙ୍କ ସହାୟତା ଓ ପୁନରୁଦ୍ଧାର ପାଇଁ ଶୁକ୍ରବାର ବହୁ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ ଦିଆଯାଇଛି। ଓଡିଶା ପୋଲିସ୍ ରିଲିଫ୍ ଓ କଲ୍ୟାଣ ପାଣ୍ଠି ପକ୍ଷରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପୋଲିସ୍ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ଆଜି ସଚିବାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ପରିମାଣର ଚେକ୍ ପ୍ରଦାନ କରିଛନ୍ତି। ପ୍ରଗତିବାଦୀ ପକ୍ଷରୁ ଶ୍ରୀମତୀ ମୋନାଲିସା ବଳ ମୁଖ୍ୟମନ୍ତ୍ରୀ ଭେଟି ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚର ଲିମିଟେଡ୍ ପକ୍ଷରୁ ଏହାର ପରିଚାଳନା ନିର୍ଦ୍ଦେଶକ ମହେନ୍ଦ୍ର ଗୁପ୍ତା ମୁଖ୍ୟମନ୍ତ୍ରୀ ୧୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ପେନସନ୍ ଅର୍ଥରୁ ୪୪ ହଜାର ଟଙ୍କା ଦାନ କରିଛନ୍ତି। ସେହିପରି ସାଂସଦ ଅନୁଭବ ମହାନ୍ତି ୨ ଲକ୍ଷ ଟଙ୍କା , ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ୧ ଲକ୍ଷ ଟଙ୍କା, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ତାଙ୍କର ୧୦ ମାସର ବେତନ ବାବଦକୁ ୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସାଣ୍ଡି ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍ ୫ ଲକ୍ଷ ଟଙ୍କା , କେନ୍ଦ୍ରାପଡା ଅର୍ବାନ୍ କୋପରେଟିଭ୍ ବ୍ୟାଙ୍କ୍ ୧ ଲକ୍ଷ ୧ ହଜାର ଟଙ୍କା , ଭୁବନେଶ୍ୱରର ପୂର୍ବତନ କର୍ପୋରେଟର ସଂଜୟ ବଳିୟାରସିଂହ ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏସସିବି ମେଡିକାଲ କଲେଜ ର ଅବସରପ୍ରାପ୍ତ ପ୍ରିନ୍ସିପାଲ ସିର୍ଦ୍ଧାର୍ଥ ଦାସ ୯୪,୪୩୮ ଟଙ୍କା , ହୋଟେଲ ସ୍ୱସ୍ତି ପକ୍ଷରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହିପରି ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସମୁଦାୟ ୫୦ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସ୍ଥିତି ମୁକାବିଲା ଓ ରିଲିଫ ବଣ୍ଟନରେ ରାଜ୍ୟ ସରକାର ବିଫଳ: ବିଜେପି

ଏସଆରସିଙ୍କୁ ଭେଟିଲା ବିଜେପି

ଭୁବନେଶ୍ୱର, ୧୦/୫(ଶ୍ରୁମି): ବାତ୍ୟା ଫନିକୁ ଦୀର୍ଘ ୮ ଦିନ ବିତି ଯାଇଥିଲେ ମଧ୍ୟ ରାଜ୍ୟ ସରକାର ପ୍ରଶାସନର ସ୍ଥାଣୁତା, ଅପାରଗତା ଯୋଗୁଁ ଏବେ ସୁଦ୍ଧା କ୍ଷତିଗ୍ରସ୍ତ ବାସହୀନ ଓ ଭୋକିଲା ପରିବାରଙ୍କୁ ଏପର୍ଯ୍ୟନ୍ତ କୌଣସି ସହାୟତା ପ୍ରଦାନ କରାଯାଇନାହିଁ। ,ଭଳି ଅଭିଯୋଗ ନେଇ ଏସଆରସିଙ୍କୁ ଭେଟିଛି ବିଜେପିର ଏକ ପ୍ରତିନିଧି ମଣ୍ଡଳି । ବିଜେପି ଅଭିଯୋଗ କରିଛି ବାତ୍ୟାନେଇ କେନ୍ଦ୍ରୀୟ ମେଟ୍ରୋଲୋଜି ବିଭାଗ ୭ ଦିନ ପୂର୍ବରୁ ଚେତାବନୀ ଦେଇଥିଲା । କିନ୍ତୁ ରାଜ୍ୟ ସରକାର ଏବଂ ରାଜ୍ୟ ପ୍ରଶାସନ ନିର୍ବାଚନ ଶେଷ ହେବା ପରେ ଆଉ କୌଣସି କର୍ତ୍ତବ୍ୟ ନଥିବା ମନେକରି ଶୋଇରହି ବିଶ୍ରାମ କଲେ । ହେଲେ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ କଲେ ନାହିଁ । ଲୋକଙ୍କୁ ସ୍ଥାନାନ୍ତର କରିବା କହି ବାହାବାହା ନେଇ ବାତ୍ୟା ବିପନ୍ନ ମାନଙ୍କୁ ସାହାଯ୍ୟ କରିବାରେ ସଂପୂର୍ଣ୍ଣ ଭାବେ ଫେଲ୍ ମାରିଛନ୍ତି ।ରାଜ୍ୟ ବିଜେପି ଉପ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କୁ ଭେଟି ଏହି ପ୍ରସଙ୍ଗରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ଟିମ ଅଭିଯୋଗ କରିଛି ଯେ, ପ୍ରଶାସନର ଅପାରଗତା ଓ ସ୍ଥାଣୁତା ଯୋଗୁଁ ଲୋକଙ୍କୁ ପିଇବାକୁ ପାଣି ମିଳୁନାହିଁ, ବିଦ୍ୟୁତ ସଂଯୋଗ ନାହିଁ, ଖାଦ୍ୟ ନାହିଁ, ଏବଂ ରହିବାକୁ କୌଣସି ପଲିଥିନ ମିଳିନାହିଁ। କେନ୍ଦ୍ର ସରକାର ଅଗ୍ରୀମ ୧୩୪୧ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ସହାୟତା ଦେଇଛନ୍ତି। କେନ୍ଦ୍ର ସରକାର ଦେଇଥିବା ସାହାଯ୍ୟ ଏବଂ ସହାୟତାକୁ ନେବାରେ ରାଜ୍ୟ ସରକାର ଇଚ୍ଛା ପ୍ରକାଶ କରୁନାହାନ୍ତି । କିନ୍ତୁ କେନ୍ଦ୍ରସରକାର ରାଜ୍ୟ ସରକାରଙ୍କର ବିନା ସହଯୋଗରେ ବାତ୍ୟା ବିପନ୍ନଙ୍କୁ ସହାୟତା ପ୍ରଦାନ କରିଚାଲିଛନ୍ତି। ଏପ୍ରକାର ପରିସ୍ଥିତିରେ ରାଜଧାନୀବାସୀ ନିଜ ଗାଁ ମାଟିକୁ ଏବଂ ନିଜର ଜନ୍ମସ୍ଥାନକୁ ଚାଲିଯାଇଛନ୍ତି। ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ରାଜଧାନୀରେ ୮ଦିନ ମଧ୍ୟରେ କେବଳ ୨୫ ପ୍ରତିଶତ ଲୋକଙ୍କ ପାଖରେ ବିଦ୍ୟୁତ ପହଞ୍ଚି ପାରିଛି।

ବିଜେପି କହିଛି ଯେ, ରାଜନୈତିକ ଉଦ୍ଦେଶ୍ୟରେ ରିଲିଫ ବଂଟାଯାଉଛି। ଯେଉଁମାନେ ଶାସକ ଦଳକୁ ଭୋଟ ଦେଇନାହାନ୍ତି, ବିରୋଧୀ ଦଳର କର୍ମକର୍ତ୍ତା ହୋଇଥିବାରୁ ସେମାନଙ୍କୁ ରିଲିଫ୍ ମିଳୁନାହିଁ ବୋଲି ବିଜେପି ଅଭିଯୋଗ କରିଛି । ରାଜ୍ୟ ପ୍ରଶାସନର ବ୍ୟବସ୍ଥାରେ ଅନିୟମିତତା ଓ ଅପାରଗତା ଯୋଗୁଁ କେବଳ ବୈଠକ, ଡାଟା କଲେକ୍ସନରେ ବ୍ୟସ୍ତ ପ୍ରଶାସନିକ ଅଧିକାରୀମାନଙ୍କ ସହଯୋଗରେ ରିଲିଫ୍ ପାଣ୍ଠିକୁ ଲୁଟ ହେଉଛି । ଏହି ପରିସ୍ଥିତିରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉ ଏବଂ ପକ୍ଷପାତିତା ନକରି ସମସ୍ତ ବିପନ୍ନଙ୍କୁ ରିଲିଫ୍ ବଂଟନ କରାଯାଉ ବୋଲି ରିଲିଫ କମିଶନରଙ୍କ ପାଖରେ ପ୍ରତିନିଧି ଦଳ ଦାବି ଜଣାଇଛି ।

ଫନି ଯୋଗୁଁ ନଷ୍ଟ ହୋଇଛି ୧୦ କୋଟି ୩୭ ଲକ୍ଷ ଟଙ୍କାର ମତ୍ସ୍ୟ ଭିତ୍ତିଭୂମି

୧୩ ସୁଦ୍ଧା ଶତ ପ୍ରତିଶତ ଜଳ ଯୋଗାଣ

ଭୁବନେଶ୍ୱର, ୧୦/୫(ଶ୍ରୁମି): ବାତ୍ୟାରେ ମତ୍ସ୍ୟଜୀବୀଙ୍କର ୬୫୦୦ ବୋଟ୍ ନଷ୍ଟ ହୋଇଛି। ଏଥିମଧ୍ୟରୁ ପୁରୀ ଜିଲ୍ଲାର ସର୍ବାଧିକ ୪୭୦୦ ବୋଟ୍ ରହିଥିବା ବେଳେ ଚିଲିକାର ୧୫୦୦ ବୋଟ୍ ରହିଛି। ଏହା ବ୍ୟତୀତ ୭୫୦୦ ମାଛଧରା ଜାଲ ନଷ୍ଟ ହୋଇଛି। ୩୦୦ ମାଛ ପୋଖରୀ ମଧ୍ୟନଷ୍ଟ ହୋଇଛି। ମତ୍ସ୍ୟ ଭିତ୍ତିଭୂମି ନଷ୍ଟ ହୋଇଯାଇଛି। ଯାହାର ମୂଲ୍ୟ ୧୦ କୋଟି ୩୭ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି ବୋଲି ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଂଜୟ ସିଂହ ପ୍ରକାଶ କରିଛନ୍ତି। ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂହ ସୂଚନା ଦେଇ କହିଛନ୍ତି ଯେ ପୁରୀରେ ରିଲିଫ୍ ଚାଉଳ ଯୋଗାଇ ଦେବା ପାଇଁ ୨ ଲକ୍ଷ ୧୧ ହଜାର୮୩୮ କ୍ୱିଣ୍ଟାଲ ଚାଉଳର ଆବଶ୍ୟକତା ରହିଛି। ବାତ୍ୟା ପାଇଁ ଜିଲ୍ଲାରେ ଗଚ୍ଛିତ ଥିବା କିଛି ଚାଉଳ ନଷ୍ଟ ହୋଇ ଯାଇଥିବାରୁ ଏହି ଜିଲ୍ଲାକୁ ଅତିରିକ୍ତ ୪୦ ହଜାର କ୍ୟୁଂଟାଲ ଚାଉଳ ପଠାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ୨.୬୭ ଲକ୍ଷ କ୍ୱିଣ୍ଟାଳ ଚାଉଳର ଆବଶ୍ୟକତା ରହିଥିବା ବେଳେ ୧.୫୦ ଲକ୍ଷ କ୍ୟୁଂଟାଲ ପଠାଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲଟି କର୍ପୋରେସନ୍ , କଟକ , ପୁରୀ ଓ ଖୋର୍ଦ୍ଧା ରେ ପ୍ରଭାବିତ ଲୋକମାନଙ୍କୁ ରିଲିଫ୍ ଟଙ୍କା ମଧ୍ୟ ଦିଆଯାଇଛି। ପୁରୀରେ ସର୍ବାଧିକ ୨ ହଜାର ଟଙ୍କା , ଖୋର୍ଦ୍ଧାରେ ୧ ହଜାର ଟଙ୍କା ଓ କଟକ , କେନ୍ଦ୍ରାପଡା ଓ ଜଗତସିଂହପୁରରେ ୫୦୦ ଟଙ୍କା ଲେଖାଏଁ ଦିଆଯାଇଛି। ଆଗାମୀ ୪ ଦିନ ମଧ୍ୟରେ ପୁରୀରେ ରିଲିଫ୍ ଚାଉଳ ବଂଟନ ଶେଷ ହେବ। ୭ ତାରିଖରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତା ୧୩ ତାରିଖ ସୁଦ୍ଧା ବାତ୍ୟା କ୍ଷତିଗ୍ରସ୍ତ ଜିଲ୍ଲା ମାନଙ୍କରେ ଥିବା ଗ୍ରାମୀଣ ପାନୀୟ ଜଳ ଯୋଗାଣ ଯୋଜନା ଶତ ପ୍ରତିଶତ କାର୍ଯ୍ୟକ୍ଷମ କରାଯିବ। ଭଦ୍ରକ ଓ

▶୩ ପୃଷ୍ଠାରେ

ପଞ୍ଜିକରଣ କେନ୍ଦ୍ର
ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ, ପୁରୀ
REG
DISTRICT HE
ସୂଚନା